CIVIL SOCIETY NEEDS TO HIGHLIGHT FACILITIES IN GOVT HOSPITALS

# Better coordination of stakeholders for MMR, IMR reduction stressed

STATESMAN NEWS SERVICE
Bhubaneswar, 17 March:

A state-level workshop on maternal and child health stressed on better cooperation and coordination among the different stakeholders in reducing maternal mortality rate (MMR) and infant mortality rate (IMR).

The programme titled "Maternal, neonatal, child health and immunization" was organised by People's Cultural Centre (Pecuc) and National Centre for Child Rights in collaboration with UNICEF, Odisha.

Inaugurating the workshop, Dr Nirmala Dei, director (family welfare) told that the health services and medical facilities provided in government-run hospitals in comparison to private hospitals have remarkably increased remarkably.

"People can get health services at a very low cost in government hospitals only. There are various health and family welfare programmes by the government. The general public need to be aware of this and take advantage of these programmes," she said.




Dr Dei suggested that the civil society organizations should join hand with government for ensuring quality service delivery to the common man.

Speaking on the occasion, Ms Alka Gupta, communication specialist, UNICEF, Odisha pointed out that the civil society organizations need to build environment for better care and services, involve in mobilizing effective demand for quality services, building awareness of community needs as well on various services available to increase the accessibility and experimenting innovative approaches to service delivery.

While stressing the need of strengthening coordination and cooperation amongst various service providers, she also emphasized massive information dissemination on entitlements.

Dr Meena Som, health officer, Unicef, Odisha spoke on the reproductive, maternal neonatal, child and adolescent health programmes in the state.

According to Dr Som, geographical, socio-economical, political, and cultural factors all contribute to people's access to healthcare, both globally and locally.

"Every year more than 5,50,000 women die of pregnancy related causes and 99 percent of these occur in developing countries. India continues to contribute about 25 percent of all global maternal deaths. A large number of deaths are preventable through safe deliveries and adequate maternal care. It is a fact that although maternal mortality and infant mortality rate show decreasing trend, this continue to be high in Odisha in comparison to national figure and at a alarming stage," she said.

ସମାଜ

୧୭ ମାର୍ଚ୍ଚ ୨୦୧୫ | ୩

# ସ୍ୱାସ୍ଥ୍ୟସେବାରେ ପଛୁଆ ୧୮୪ ଜିଲାରେ ଓଡ଼ିଶାର ୧୦

ଭୁବନେଶ୍ୱର, ୧୬।୩(ନି.ପ୍ର)- ମା' ଓ ଶିଶୁଙ୍କୁ ସର୍ବନିମ୍ନ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ଦେଶର ୧୮୪ଟି ଜିଲା ଜାତୀୟ ହାରଠୁ ପଛରେ ପଛରେ ଅଛନ୍ତି। ଚିହ୍ନଟ ହୋଇଥିବା ଏହିସବୁ ଜିଲା ଭିତରେ ରହିଛି ଓଡ଼ିଶାର ୧୦ଟି ଜିଲା। ଦୁର୍ଗମ ଅଞ୍ଚଳରେ ରହୁଥିବା ଅଞ୍ଚଳର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଛି। ସ୍ୱତନ୍ତ୍ର ଭାବେ ଚିହ୍ନଟ ଏହି ସମସ୍ୟାବହୁଳ ଜିଲାରେ ମହିଳା ଓ ଶିଶୁଙ୍କ ପାଇଁ ସ୍ୱାସ୍ଥ୍ୟସେବା ତ୍ୱରାନ୍ୱିତ କରାଯିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଏଠାରେ ଅନୁଷ୍ଠିତ ଏକ କର୍ମଶାଳାରେ ସୂଚନା ଦିଆଯାଇଛି। ଓଡ଼ିଶାର ଏହି ଜିଲା ଭିତରେ ରହିଛି କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, ବୌଦ, କନ୍ଧମାଳ, ବଲାଙ୍ଗିର, ଗଜପତି ଏବଂ ନୂଆପଡ଼ା। ରାଜ୍ୟରେ ମାତୃ ଓ ଶିଶୁ ମୃତ୍ୟୁହାର କମିଥିଲେ ହେଁ ଏବେ ବି ଏହା ଉଦ୍‌ବେଗଜନକ ଅବସ୍ଥାରେ ରହିଛି। ଏଥିପାଇଁ ଟୀକାଦାନ, ସ୍ୱଚ୍ଛ ପାନୀୟଜଳ ଯୋଗାଣ, ପରିଚ୍ଛନ୍ନତା ଏବଂ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ଆଦି କାର୍ଯ୍ୟକ୍ରମକୁ ଆଗେଇନେବାର ଆବଶ୍ୟକତା ରହିଛି। ନାଗରିକ ସଙ୍ଗଠନମାନେ ସାଧାରଣ ଲୋକଙ୍କୁ ଏ ଦିଗରେ ସଚେତନ କରାଇବା ସହିତ ମହିଳା, ନବଜାତ ଶିଶୁଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାକୁ ଏଥିରେ ମତ ପ୍ରକାଶ ପାଇଛି।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ୍ କଲଚରାଲ ସେଣ୍ଟର (ପିକକ୍) ପକ୍ଷରୁ ୟୁନିସେଫ ସହଯୋଗରେ "ମାତୃତ୍ୱ, ନବଜାତ, ଶିଶୁ ସ୍ୱାସ୍ଥ୍ୟ , ଏବଂ ଟୀକାଦାନ" ଉପରେ ସ୍ୱେଚ୍ଛାସେବୀ ସଙ୍ଗଠନର ଭୂମିକା ଶୀର୍ଷକ ଏକ କର୍ମଶାଳାକୁ ଉଦ୍‌ଘାଟନ କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶିକା ଡାକ୍ତର ନିର୍ମଳା ଦେଇ କହିଥିଲେ ଯେ ସରକାରୀ ଡ଼ାକ୍ତରଖାନାରେ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧ। ନିୟମିତ ଟୀକାକରଣ, ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ଆଦି କାର୍ଯ୍ୟକ୍ରମ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଯାଉଛି। ଏ ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗର ହାତ ବଢ଼ାଇବା ଆବଶ୍ୟକ। କାର୍ଯ୍ୟକ୍ରମରେ ୟୁନିସେଫ ଓଡିଶାର ସ୍ୱାସ୍ଥ୍ୟ ଅଧିକାରୀ ଡ଼ା.ମିନା ସୋମ ମା, ଶିଶୁ ଓ କିଶୋରୀଙ୍କ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ଉପରେ ମତ ରଖିଥିଲେ। ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକା ଡା.ବୀଣାପାଣି ନନ୍ଦ ଜନନୀ ସୁରକ୍ଷା ଓ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଉପରେ ତଥ୍ୟ ଉପସ୍ଥାପନ କରିଥିବାବେଳେ ଗ୍ରମାଞ୍ଚଳ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶିକା ଡ଼ା.ରଞ୍ଜିତା ପଟ୍ଟନାୟକ ନିୟମିତ ଟିକାକରଣ ବିଷୟରେ ଆଲୋକପାତ କରିଥିଲେ। ୨୦୧୫ ଏପ୍ରିଲ ୧୫ରୁ ଜୁଲାଇ ୧୫ ମଧ୍ୟରେ ଏଥିପାଇଁ ଇନ୍ଦ୍ରଧନୁଶ କାର୍ଯ୍ୟକ୍ରମ ପ୍ରଚଳନ କରାଯିବ ଏବଂ ଏହା ମାଧ୍ୟମରେ ୭ ପ୍ରକାର ଟୀକାଦାନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସେ ସୂଚନା ଦେଇଥିଲେ। ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ଏଲ.ବି.ମିଶ୍ର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଓ ଜନସାଧାରଣଙ୍କ ଭିତରେ ନାଗରିକ ସଙ୍ଗଠନ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱ ଦେଇଥିଲେ। ରାଜ୍ୟ ହେଲ୍‌ଥ ରିସୋର୍ସ ସେଣ୍ଟର ଟିମ ଲିଡ଼ର ଡ଼କ୍ଟର ଡ଼ି.କେ.ପଣ୍ଡା ଜନସାଧାରଣଙ୍କ ପାଖରେ ବିଶେଷ ଭାବେ ଅପହଞ୍ଚ ଅଞ୍ଚଳରେ ଉତ୍ତମ ମାନର ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ସରକାରୀ ଏବଂ ବେସରକାରୀ ସଂସ୍ଥା ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି ବୋଲି କହିଥିଲେ। ପିକକ୍‌ର ସଂପାଦକ ରଞ୍ଜନ କୁମାର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ୟୁନିସେଫ୍ ଓଡ଼ିଶା ପକ୍ଷରୁ କମ୍ୟୁନିକେସନ ସ୍ପେସାଲିଷ୍ଟ ଅଳକା ଗୁପ୍ତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବତାରଣା କରିବା ସହିତ ସ୍ୱଳ୍ପ ବୟସରେ ବିବାହ ନେଇ ବହୁ ସମୟରେ ଅଭିଯୋଗ ଉଠୁଥିବାରୁ ବିବାହ ପଞ୍ଜୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଭାର କ୍ଷମାକର ସ୍ୱାଇଁ, ବିଜିଭିଏସର ଉଷାରାଣୀ ବେହେରା, ସମାଜସେବୀ ସୁଦର୍ଶନ ଦାସ ପ୍ରମୁଖ କର୍ମଶାଳାରେ ନିଜର ମତ ରଖିଥିଲେ। ପିକକ୍, ଏନ.ସି.ସି.ଆର୍. ଏବଂ ୟୁନିସେଫର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ୩୦ଟି ଜିଲାରୁ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧି ଯୋଗଦେଇଥିଲେ। ଶେଷରେ ଡଃ. ଏମ୍. ବଳିଆରସିଂ ଧନ୍ୟବାଦ ଅର୍ପଣ କରିଥିଲେ। ପିକକ୍‌ର କାର୍ଯ୍ୟକ୍ରମ ପରିଚାଳିକା ଜ୍ୟୋତି ମହାପାତ୍ର, ଜ୍ୟୋତିଶଙ୍କର ମହାନ୍ତି, ତେନଜିଙ୍ଗ୍ ସୋଭାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ମାତୃତ୍ୱ, ନବଜାତ ଶିଶୁ ସ୍ୱାସ୍ଥ୍ୟ ଏବଂ ଟିକାଦାନ କର୍ମଶାଳା**

SAMBAD
ସମ୍ବାଦ
୧୭ ବୁଧବାର, ୧୮ ମାର୍ଚ୍ଚ ୨୦୧୫, ଭୁବନେଶ୍ୱର

# ୧୦ ଜିଲ୍ଲାରେ ମା' ଓ ଶିଶୁଙ୍କୁ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ମିଳୁନି

ଭୁବନେଶ୍ୱର, ୧୭।୩(ଇମିସ): ରାଜ୍ୟରେ ମାତୃ ଓ ଶିଶୁ ମୃତ୍ୟୁହାର କମିଥିଲେ ମଧ୍ୟ ସ୍ଥିତିରେ ସେମିତି କିଛି ସୁଧାର ଆସିନି। ଟୀକା ଦାନ, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ପରିଚ୍ଛନ୍ନତା ଏବଂ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସବ ଆଦି କାର୍ଯ୍ୟକ୍ରମକୁ ଆଗେଇ ନେବାରେ ଆବଶ୍ୟକତା ଅଛି । ନାଗରିକ ସଙ୍ଗଠନଗୁଡ଼ିକ ଏନେଇ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ ଏହି ସବୁ ସୁବିଧା ସେମାନଙ୍କ ନିକଟରେ କିପରି ପହଞ୍ଚିବ ସେନେଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମାତୃତ୍ୱ, ନବଜାତ, ଶିଶୁ ସ୍ୱାସ୍ଥ୍ୟ ଏବଂ ଟୀକା ଦାନ ଶୀର୍ଷକ କର୍ମଶାଳାରେ ବକ୍ତାମାନେ କହିଛନ୍ତି।

ହୋଟେଲ କଳିଙ୍ଗ ଅଶୋକ ଠାରେ ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ପକ୍ଷରୁ ୟୁନିସେଫ ସହଯୋଗରେ ଆୟୋଜିତ ଏହି କର୍ମଶାଳାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶିକା ଡାକ୍ତର ନିର୍ମଳା ଦେଈ ଉଦ୍‌ଘାଟନ କରି କହିଲେ ଯେ, ସରକାରୀ ଡାକ୍ତରଖାନାରେ ହିଁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟ ସେବା ମିଳିପାରୁଛି। ଏହାର ସୁଯୋଗ ନେବା ପାଇଁ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଦରକାର। ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସବ, ନିୟମିତ ଟୀକାକରଣ, ମା' ଓ ଶିଶୁଙ୍କୁ କିପରି ଉତ୍ତମ

## ମାତୃତ୍ୱ, ନବଜାତ, ଶିଶୁ ସ୍ୱାସ୍ଥ୍ୟ ଏବଂ ଟୀକା ଦାନ ଉପରେ କର୍ମଶାଳା

ସେବା ଯୋଗାଇ ହେବ ସେନେଇ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକ ହାତ ବଢ଼ାଇବା ଦରକାର ବୋଲି ସେ କହିଥିଲେ।

ୟୁନିସେଫ ଓଡ଼ିଶାର ସ୍ୱାସ୍ଥ୍ୟ ଅଧିକାରୀ ଡା. ମୀନା ସୋମ୍ ମା' ଓ ଶିଶୁ ସ୍ୱାସ୍ଥ୍ୟ ସେବା ଉପରେ ତଥ୍ୟ ଉପସ୍ଥାପନ କରି କହିଲେ ଯେ, ଦେଶରେ ୧୮୪ଟି ଜିଲ୍ଲା ମା' ଓ ଶିଶୁଙ୍କୁ ସର୍ବନିମ୍ନ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ବିଫଳ ହୋଇଥିବାବେଳେ ଏଥିରେ ଓଡ଼ିଶାରୁ ୧୦ଟି ଜିଲ୍ଲା ଅଛି।

ଏଥିରେ ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକା ଡା. ବୀଣାପାଣି ନନ୍ଦ, ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶିକା ଡା. ରଞ୍ଜିତା ପଟ୍ଟନାୟକ, ଅତିରିକ୍ତ ନିର୍ଦ୍ଦେଶକ ଏଲ୍.ବି ମିଶ୍ର, ରାଜ୍ୟ ହେଲ୍ଥ ରିସୋର୍ସ ସେଣ୍ଟରର ଟିମ୍ ଲିଡର ଡା. ଡି.କେ ପଣ୍ଡା, ପିକକର ସମ୍ପାଦକ ରଞ୍ଜନ ମହାନ୍ତି, ୟୁନିସେଫ ଓଡ଼ିଶାର କମ୍ୟୁନିକେସନ୍ ସ୍ପେସାଲିଷ୍ଟ ଅଳକା ଗୁପ୍ତା, ଏମ୍ ବଳିୟାର ସିଂହଙ୍କ ସମେତ ଅନ୍ୟମାନେ ନିଜର ମତ ରଖିଥିଲେ।

ସମାଜ
19-3-2015 Pg-12

# ମାତୃତ୍ୱ, ନବଜାତ, ଶିଶୁ ସ୍ୱାସ୍ଥ୍ୟ ଏବଂ ଟୀକାଦାନ ଉପରେ କର୍ମଶାଳା

ଭୁବନେଶ୍ୱର (ସ.ବ୍ୟୁ.) : ରାଜ୍ୟରେ ମାତୃ ଓ ଶିଶୁ ମୃତ୍ୟୁହାର କମିଥିଲେ ମଧ୍ୟ ଉଦ୍‌ବେଗଜନକ ଅବସ୍ଥାରେ ରହିଛି। ଟୀକା ଦାନ, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ପରିଚ୍ଛନ୍ନତା ଏବଂ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ଆଦି କାର୍ଯ୍ୟକ୍ରମକୁ ଆଗେଇନେବାର ଆବଶ୍ୟକତା ରହିଛି। ନାଗରିକ ସଂଗଠନମାନେ ସାଧାରଣ ଲୋକଙ୍କୁ ଏ ଦିଗରେ ସଚେତନ କରାଇବା ସହିତ ମହିଳା, ନବଜାତ ଶିଶୁଙ୍କ ପାଇଁ ଥିବା ବିଭିନ୍ନ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ କିପରି ସେମାନଙ୍କ ପାଖରେ ପହଂଚି ପାରିବ ସେଥିପାଇଁ ସଂଯୋଗର ସେତୁ ଭଳି କାର୍ଯ୍ୟ କରିବାକୁ ଏଠାରେ ଅନୁଷ୍ଠିତ ଏକ କର୍ମଶାଳାରେ ମତ ପ୍ରକାଶ ପାଇଛି।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ୍ କଲଚରାଲ ସେଣ୍ଟର (ପିକକ୍) ପକ୍ଷରୁ ୟୁନିସେଫ୍ ସହଯୋଗରେ 'ମାତୃତ୍ୱ, ନବଜାତ, ଶିଶୁ ସ୍ୱାସ୍ଥ୍ୟ ଏବଂ ଟୀକାଦାନ' ଉପରେ ସ୍ୱେଚ୍ଛାସେବୀ ସଂଗଠନର ଭୂମିକା ଶୀର୍ଷକ ଏକ କର୍ମଶାଳାକୁ ଉଦ୍‌ଘାଟନ କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶିକା ଡାକ୍ତର ନିର୍ମଳା ଦେଈ କହିଥିଲେ ଯେ, କେବଳ ସରକାରୀ ଡାକ୍ତରଖାନାରେ ହିଁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ମିଳି ପାରୁଛି। ଏହାର ସୁଯୋଗ ନେବା ପାଇଁ ସାଧାରଣ ଲୋକଙ୍କୁ ସଚେତନ କରାଯିବା ଆବଶ୍ୟକତା ରହିଛି। ନିୟମିତ ଟୀକାକରଣ, ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ଆଦି କାର୍ଯ୍ୟକ୍ରମ ସହିତ ମା' ଓ ଶିଶୁଙ୍କୁ କିପରି ଉତ୍ତମ ସେବା ଯୋଗାଇ ହେବ ସେ ଦିଗରେ ସ୍ୱେଚ୍ଛାସେବୀ ସଂଗଠନ ସହଯୋଗର ହାତ ବଢ଼ାଇବାକୁ ସେ ଆହ୍ୱାନ ଦେଇଥିଲେ।

ୟୁନିସେଫ୍ ଓଡ଼ିଶାର ସ୍ୱାସ୍ଥ୍ୟ ଅଧିକାରୀ ଡା. ମିନା ସୋମ, ମା', ଶିଶୁ ଓ କିଶୋର ଅବସ୍ଥାରେ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ଜାତୀୟ ସ୍ତରରେ ୧୮୪ଟି ଜିଲ୍ଲା ମା' ଓ ଶିଶୁଙ୍କ ପାଇଁ ସର୍ବନିମ୍ନ ପ୍ରାଥମିକ ସେବା ଯୋଗାଇବା କ୍ଷେତ୍ରରେ ସମସ୍ୟାପ୍ରବଣ ଅଂଚଳ ଭାବେ ଚିହ୍ନଟ ହୋଇ ଥିବା ବେଳେ ସେଥିମଧ୍ୟରେ ଓଡ଼ିଶାର ୧୦ଟି ଜିଲ୍ଲା ରହିଥିବା ଏହି ତଥ୍ୟରୁ ଜଣା ପଡ଼ିଛି। ଏସବୁ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ତ୍ୱରାନ୍ୱିତ କରିବା ଉପରେ ସେ ମତ ରଖିଥିଲେ। ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକା ଡା. ବୀଣାପାଣି ନନ୍ଦ ଜନନୀ ସୁରକ୍ଷା ଓ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଉପରେ ତଥ୍ୟ ଉପସ୍ଥାପନ କରି ଥିବା ବେଳେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶିକା ଡା. ରଂଜିତା ପଟ୍ଟନାୟକ ନିୟମିତ ଟୀକାକରଣ ବିଷୟରେ ଆଲୋକପାତ କରିଥିଲେ। ୨୦୧୫ ଏପ୍ରିଲ ୧୫ରୁ ଜୁଲାଇ ୧୫ ମଧ୍ୟରେ ଏଥିପାଇଁ ଇନ୍ଦ୍ରଧନୁଶ କାର୍ଯ୍ୟକ୍ରମ ପ୍ରଚଳନ କରାଯିବ ଏବଂ ଏହା ମାଧ୍ୟମରେ ୭ ପ୍ରକାର ଟୀକାଦାନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସେ ସୂଚନା ଦେଇଥିଲେ। ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ଏଲବି ମିଶ୍ର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଓ ଜନସାଧାରଣଙ୍କ ଭିତରେ ନାଗରିକ ସଂଗଠନ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱ ଦେଇଥିଲେ।

ପିକକ୍‌ର ସଂପାଦକ ରଞ୍ଜନ କୁମାର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ୟୁନିସେଫ ଓଡ଼ିଶା ପକ୍ଷରୁ କମ୍ୟୁନିକେସନ ସ୍ପେଶାଲିଷ୍ଟ ଅଳକା ଗୁପ୍ତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବତାରଣା କରିବା ସହିତ ସ୍ୱଳ୍ପ ବୟସରେ ବିବାହ ନେଇ ବହୁ ସମୟରେ ଅଭିଯୋଗ ଉଠୁଥିବାରୁ ବିବାହ ପଂଜୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। ପିକକ୍ ଏନ.ସି.ସୀ.ଆର୍. ଏବଂ ୟୁନିସେଫ୍‌ର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ୩୦ଟି ଜିଲ୍ଲାରୁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ୭୫ ଜଣ ପ୍ରତିନିଧି ଯୋଗ ଦେଇଥିଲେ। ଶେଷରେ ଡଃ. ଏମ୍. ବଳିଆରସିଂ ଧନ୍ୟବାଦ ଅର୍ପଣ କରିଥିଲେ। ପିକକ୍‌ର କାର୍ଯ୍ୟକ୍ରମ ପରିଚାଳିକା ଜ୍ୟୋତି ମହାପାତ୍ର, ଜ୍ୟୋତିଶଂକର ମହାନ୍ତି, ଡ଼େନଜିଙ୍ଗ୍ ସୋଭାପତି ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

ପ୍ରମେୟ
THE PRAMEYA

# ସରକାର ଓ ଲୋକଙ୍କ ମଧ୍ୟରେ ସ୍ୱେଚ୍ଛାସେବୀ ସଂଗଠନ ସଂଯୋଗର ସେତୁ ହେଉ

ଭୁବନେଶ୍ୱର, ୧୭।୩ (ବ୍ୟୁରୋ): ରାଜ୍ୟରେ ମାତୃ ଓ ଶିଶୁ ମୃତ୍ୟୁହାର କମିଥିଲେ ମଧ୍ୟ ଏବେ ବି ସ୍ଥିତି ଉଦ୍‌ବେଗଜନକ ରହିଛି। ଅନୁନ୍ନତ ଅଞ୍ଚଳରେ ଦୁର୍ବଳ ବର୍ଗର ମହିଳା ଓ ଶିଶୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଉନାହାନ୍ତି। ଏଥିପାଇଁ ଟୀକାଦାନ, ସ୍ୱଚ୍ଛ ପାନୀୟ ଜଳଯୋଗାଣ, ପରିଚ୍ଛନ୍ନତା ଓ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ଆଦି କାର୍ଯ୍ୟକ୍ରମକୁ ଆଗେଇ ନେବାର ଆବଶ୍ୟକତା ରହିଛି। ନାଗରିକ ସଂଗଠନଗୁଡିକ ସାଧାରଣ ଲୋକଙ୍କୁ ଏ ଦିଗରେ ସଚେତନ କରାଇବା ସହିତ ମହିଳା, ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ସରକାର ଓ ସାଧାରଣ ଲୋକଙ୍କ ଭିତରେ ସଂଯୋଗର ସେତୁ ଭଳି କାର୍ଯ୍ୟ କରିବା ଦରକାର ବୋଲି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ୍ କଲଚରାଲ ସେଣ୍ଟର (ପିକକ୍) ପକ୍ଷରୁ ଆୟୋଜିତ ଏକ କର୍ମଶାଳାରେ ମତପ୍ରକାଶ ପାଇଛି। ଆଜି ପିକକ୍ ଓ ୟୁନିସେଫ୍ ସହଯୋଗରେ 'ମାତୃତ୍ୱ, ନବଜାତ, ଶିଶୁ ସ୍ୱାସ୍ଥ୍ୟ ଓ ଟୀକାଦାନ' ଶୀର୍ଷକ କର୍ମଶାଳାକୁ ଉଦ୍‌ଘାଟନ କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡା.ନିର୍ମଳା ଦେଇ କହିଲେ, କେବଳ ସରକାରୀ ଡାକ୍ତରଖାନାରେ ହିଁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ମିଳିପାରୁଛି। ଏହାର ସୁଯୋଗ ନେବାକୁ ସାଧାରଣ ଲୋକଙ୍କୁ ସଚେତନ କରାଯିବା ଆବଶ୍ୟକତା ରହିଛି। ନିୟମିତ ଟୀକାକରଣ, ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ଆଦି କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବାକୁ ସ୍ୱେଚ୍ଛାସେବୀ ସଂଗଠନ ଆଗେଇ ଆସିବା ଦରକାର ବୋଲି ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ୟୁନିସେଫ୍‌ର ଓଡିଶା ସ୍ୱାସ୍ଥ୍ୟ ଅଧିକାରୀ ଡା.ମୀନା ସୋମ୍, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଯୁଗ୍ମ ନିର୍ଦ୍ଦେଶିକା ଡା. ବୀଣାପାଣି ନନ୍ଦ, ରଞ୍ଜିତା ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

ତା- 17-03-2015



# ମାତୃତ୍ୱ ଓ ନବଜାତ ଶିଶୁଙ୍କ ଉପରେ କର୍ମଶାଳା


।। ପ୍ରଭାନ୍ୟୁଜ୍ ।।

**ଭୁବନେଶ୍ୱର:** ରାଜ୍ୟରେ ମାତୃ ଓ ଶିଶୁ ମୃତ୍ୟୁହାର କମିଥିଲେ ମଧ୍ୟ ଉଦ୍‌ବେଗଜନକ ଅବସ୍ଥାରେ ରହିଛି। ଅନୁନ୍ନତ ଅଞ୍ଚଳରେ ଦୁର୍ବଳ ବର୍ଗର ମହିଳା ଓ ଶିଶୁ ଠିକଣା ଭାବେ ସ୍ୱାସ୍ଥ୍ୟସେବା ପାଉନାହାନ୍ତି। ଏଥିପାଇଁ ଟୀକାଦାନ, ସ୍ୱଚ୍ଛ ପାନୀୟଜଳ ଯୋଗାଣ, ପରିଚ୍ଛନ୍ନତା ଏବଂ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ଆଦି କାର୍ଯ୍ୟକ୍ରମକୁ ଆଗେଇନେବାର ଆବଶ୍ୟକତା ରହିଛି। ନାଗରିକ ସଙ୍ଗଠନମାନେ ସାଧାରଣ ଲୋକଙ୍କୁ ଏ ଦିଗରେ ସଚେତନ କରାଇବା ସହିତ ମହିଳା, ନବଜାତ ଶିଶୁଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ସରକାର ଓ ସାଧାରଣ ଲୋକଙ୍କ ଭିତରେ ସଂଯୋଗର ସେତୁ ଭଳି କାର୍ଯ୍ୟ କରିବାକୁ ଏଠାରେ ଅନୁଷ୍ଠିତ ଏକ କର୍ମଶାଳାରେ ମତ ପ୍ରକାଶ ପାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ୍ କଲଚରାଲ ସେଣ୍ଟର (ପିକକ୍) ପକ୍ଷରୁ ୟୁନିସେଫ୍ ସହଯୋଗରେ 'ମାତୃତ୍ୱ, ନବଜାତ, ଶିଶୁ ସ୍ୱାସ୍ଥ୍ୟ , ଏବଂ ଟୀକାଦାନ' ଉପରେ ସ୍ୱେଚ୍ଛାସେବୀ ସଙ୍ଗଠନର ଭୂମିକା ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶିକା ଡାକ୍ତର ନିର୍ମଳା ଦେଇ, କହିଥିଲେ ଯେ କେବଳ ସରକାରୀ ଡ଼ାକ୍ତରଖାନାରେ ହିଁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ମିଳିପାରୁଛି। ଏହାର ସୁଯୋଗ ନେବା ପାଇଁ ସାଧାରଣ ଲୋକଙ୍କୁ ସଚେତନ କରାଯିବାର ଆବଶ୍ୟକତା ରହିଛି। ସେହିପରି ଅନ୍ୟମାନଙ୍କ ମଧ୍ୟରେ ୟୁନିସେଫ ଓଡିଶାର ସ୍ୱାସ୍ଥ୍ୟ ଅଧିକାରୀ ଡ଼ା.ମିନା ସୋମ, ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକା ଡ଼ା.ବୀଣାପାଣି ନନ୍ଦ, ଗ୍ରମାଞ୍ଚଳ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶିକା ଡ଼ା.ରଞ୍ଜିତା ପଟ୍ଟନାୟକ, ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ଏଲ.ବି.ମିଶ୍ର , ରାଜ୍ୟ ହେଲଥ ରିସୋର୍ସ ସେଣ୍ଟର ଟିମ ଲିଡ଼ର ଡ଼କ୍ଟର ଡ଼ି.କେ.ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପିକକ୍‌ର ସଂପାଦକ ରଞ୍ଜନ କୁମାର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଡଃ. ଏମ୍. ବଳିଆରସିଂ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଗତିବାଦୀ
● ମଙ୍ଗଳବାର
● ମାର୍ଚ୍ଚ ୧୭,୨୦୧୫

# ୧୦ ଜିଲ୍ଲା ପ୍ରାଥମିକ ସେବା ସମସ୍ୟାପ୍ରବଣ

## ମାତୃତ୍ୱ, ନବଜାତ, ଶିଶୁ ସ୍ୱାସ୍ଥ୍ୟ ଏବଂ ଟୀକାଦାନ ଉପରେ କର୍ମଶାଳା




**ଭୁବନେଶ୍ୱର,ତା୧୬।୩(ପିଏନ୍ଏସ୍):** ରାଜ୍ୟରେ ମାତୃ ଓ ଶିଶୁ ମୃତ୍ୟୁହାର କମିଥିଲେ ମଧ ଉଦ୍‌ବେଗଜନକ ଅବସ୍ଥାରେ ରହିଛି। ଅନୁନ୍ନତ ଅଞ୍ଚଳରେ ଦୁର୍ବଳ ବର୍ଗର ମହିଳା ଓ ଶିଶୁ ଠିକଣା ଭାବେ ସ୍ୱାସ୍ଥ୍ୟସେବା ପାଉନାହାନ୍ତି। ଏଥିପାଇଁ ଟୀକାଦାନ, ସ୍ୱଚ୍ଛ ପାନୀୟଜଳ ଯୋଗାଣ, ପରିଚ୍ଛନ୍ନତା ଏବଂ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ଆଦି କାର୍ଯ୍ୟକ୍ରମକୁ ଆଗେଇନେବାର ଆବଶ୍ୟକତା ରହିଛି। ନାଗରିକ ସଙ୍ଗଠନମାନେ ସାଧାରଣ ଲୋକଙ୍କୁ ଏ ଦିଗରେ ସଚେତନ କରାଇବା ସହିତ ମହିଳା, ନବଜାତ ଶିଶୁଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ସରକାର ଓ ସାଧାରଣ ଲୋକଙ୍କ ଭିତରେ ସଂଯୋଗର ସେତୁ ଭଳି କାର୍ଯ୍ୟ କରିବାକୁ ଏଠାରେ ଅନୁଷ୍ଠିତ ଏକ କର୍ମଶାଳାରେ ମତ ପ୍ରକାଶ ପାଇଛି।

ପିକକ୍ ପକ୍ଷରୁ ୟୁନିସେଫ୍ ସହଯୋଗରେ "ମାତୃତ୍ୱ, ନବଜାତ, ଶିଶୁ ସ୍ୱାସ୍ଥ୍ୟ , ଏବଂ ଟୀକାଦାନ" ଉପରେ ସ୍ୱେଚ୍ଛାସେବୀ ସଙ୍ଗଠନର ଭୂମିକା ଶୀର୍ଷକ ଏକ କର୍ମଶାଳାକୁ ଉଦ୍‌ଘାଟନ କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶିକା ଡାକ୍ତର ନିର୍ମଳା ଦେଇ କହିଥିଲେ ଯେ କେବଳ ସରକାରୀ ଡ଼ାକ୍ତରଖାନାରେ ହିଁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ମିଳିପାରୁଛି। ଏହାର ସୁଯୋଗ ନେବା ପାଇଁ ସାଧାରଣ ଲୋକଙ୍କୁ ସଚେତନ କରାଯିବାର ଆବଶ୍ୟକତା ରହିଛି। ୟୁନିସେଫ ଓଡିଶାର ସ୍ୱାସ୍ଥ୍ୟ ଅଧିକାରୀ ଡ଼ା.ମିନା ସୋମ ମା, ଶିଶୁ ଓ କିଶୋର ଅବସ୍ଥାରେ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ଜାତୀୟସ୍ତରରେ ୧୮୪ଟି ଜିଲା ମା ଓ ଶିଶୁଙ୍କ ପାଇଁ ସର୍ବନିମ୍ନ ପ୍ରାଥମିକ ସେବା ଯୋଗାଇବା କ୍ଷେତ୍ରରେ ସମସ୍ୟାପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ ହୋଇଥିବାବେଳେ ସେଥିମଧ୍ୟରେ ଓଡ଼ିଶାର ୧୦ଟି ଜିଲ୍ଲା ରହିଥିବା ଏହି ତଥ୍ୟରୁ ଜଣାପଡ଼ିଛି। ୨୦୧୫ ଏପ୍ରିଲ ୧୫ରୁ ଜୁଲାଇ ୧୫ ମଧ୍ୟରେ ଏଥିପାଇଁ ଇନ୍ଦ୍ରଧନୁଶ କାର୍ଯ୍ୟକ୍ରମ ପ୍ରଚଳନ କରାଯିବ ଏବଂ ଏହା ମାଧମରେ ୭ ପ୍ରକାର ଟୀକାଦାନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ଏଲ.ବିମିଶ୍ର, ରାଜ୍ୟ ହେଲ୍‌ଥ ରିସୋର୍ସ ସେଣ୍ଟର ଟିମ ଲିଡ଼ର ଡ଼କ୍ଟର ଡ଼ି.କେ.ପଣ୍ଡା, ପିକକ୍‌ର ସଂପାଦକ ରଞ୍ଜନ କୁମାର ମହାନ୍ତି ପ୍ରମୁଖ ବହୁ ବକ୍ତା ଯୋଗଦେଇ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ।